# ଜିଲ୍ଲା ସ୍ତରୀୟ ୭୪ତମ ସ୍ୱାଧିନତା ଦିବସ ପାଳିତ

Celebration of District level 74th Independence Day.

ଅନୁଗୋଳ ୧୬.୮ :- ଜିଲ୍ଲା ସ୍ତରୀୟ ୭୪ ତମ ସ୍ୱାଧିନତା ଦିବସ ସମାରୋହ ଗତକାଲି ଅନୁଗୋଳରେ ପାଳିତ ହୋଇଯାଇଛି । ଅନୁଗୋଳ ଷ୍ଟାଡିୟମ ଠାରେ ଆୟୋଜିତ ଉତ୍ସବରେ ଓଡିଶାର ମାନ୍ୟବର ରାଜ୍ୟ ବିଜ୍ଞାନ ଓ କାରିଗରୀ ,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଧାରିତ ସମୟ ସକାଳ ୯ଘଟିକା ୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିଥିଲେ । ଭାରତର ସ୍ୱାଧିନତା ସଂଗ୍ରାମୀ ତଥା ଏ ମାଟିର ବରପୁତ୍ରମାନଙ୍କ ନିଷ୍ଠା ଓ ତ୍ୟାଗପୂତ ବଳିଦାନ ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଚଳିତ ବର୍ଷ ମହାମାରୀ କରୋନାର ଭୟାବହତା ଭିତରେ ନିଜ ଜୀବନକୁ ବାଜି ଲଗାଇ ଆକ୍ରାନ୍ତ ମାନଙ୍କୁ ସେବା ପ୍ରଦାନ କରିଥିବା କରୋନା ଯୋଦ୍ଧା ଓ ଗୁରୁତର ଆକ୍ରାନ୍ତ ମାନଂକୁ ପ୍ଲାଜମା ଦାନ କରି ନୂଆ ଜୀବନ ଦେଇଥିବା ସୁସ୍ଥ ବ୍ୟକ୍ତି ମାନଙ୍କୁ ସାଧୁବାଦ ଜଣାଇଥିଲେ । ଓଡିଶାର ସ୍ୱାଧିନତା ଆନ୍ଦୋଳନରେ ଉତ୍କଳମଣି ଗୋପବନ୍ଧୁ ଦାସ,ଡଃ ହରେକୃଷ୍ଣ ମହତାବ,ବିଶ୍ୱନାଥ ଦାଶ,ଶହିଦ ଲକ୍ଷ୍ମଣ ନାୟକ,ବୀର ସୁରେନ୍ଦ୍ର ସାଏ,ମାଳତୀ ଚୌଧୁରୀ,ବିଜୁ ପଟ୍ଟନାୟକ,ପ୍ରାଣନାଥ ପଟ୍ଟନାୟକ, ସରଳାଦେବୀ,ବିନୋଦ କାନୁନଗୋ ପ୍ରମୁଖଙ୍କ ଯୋଗଦାନ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ପ୍ରକାଶ କରିଥିଲେ । । ଓଡିଶାରେ ସଂଗଠିତ ଜାତୀୟ ସଂଗ୍ରାମର ମହାସ୍ରୋତରେ ଅନୁଗୋଳ ଜିଲ୍ଲାର ହଜାର ହଜାର ଜନସାଧାରଣ ନିଜକୁ ସାମିଲ କରି ଇତିହାସକୁ ମହିମାମଣ୍ଡିତ କରିଛନ୍ତି । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ଅନୁଗୋଳର ସଂଗ୍ରାମୀ ସନ୍ତାନ ଗିରିଜା ଭୂଷଣ ଦତ୍ତ,ହୃଷିକେଷ ତ୍ରିପାଠୀ,ରତ୍ନାକର ନାୟକ,ଆନନ୍ଦ ଚନ୍ଦ୍ର ପ୍ରଧାନ,ଡ. କୃପାସିନ୍ଧୁ ଭୋକ୍ତା ପ୍ରମୁଖ ବେଠି,ବେଗାରୀକୁ ସମର୍ଥନ କରିଥିବା ୧୮୯୧ ମସିହାରେ ପ୍ରଣୀତ କଳଙ୍କିତ ଅନୁଗୋଳ ରେଗୁଲେଟୋରି ଆକ୍ଟକୁ ତୀବ୍ର ବିରୋଧ କରିଥିଲେ । ଏହି ମାଟିର ସ୍ୱାଧିନଚେତା ସ୍ୱାଭିମାନୀ ରାଜା ସୋମନାଥ ସିଂହ ବ୍ରିଟିଶର ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରି ରାଜଗାଦି ହରାଇବା ପରେ ମଧ୍ୟ ବଶ୍ୟତା ସ୍ୱିକାର କରିନଥିଲେ । ଅନୁଗୋଳର ସତ୍ୟାଗ୍ରହୀ ରତ୍ନାକର ନାୟକ,ରସାନନ୍ଦ ବେହେରା,ହୃଷୀକେଷ ତ୍ରିପାଠୀ ଏବଂ କବି ରାଧାମୋହନ ଗଡନାୟକଙ୍କ ନାମ ପ୍ରାତଃ ସ୍ମରଣୀୟ । ୧୯୩୪ ମସିହାରେ ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରା ଏ ମାଟିକୁ ଧନ୍ୟ କରିଛି । ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନଂକ ନେତୃତ୍ୱରେ ସଂଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ଗଡଯାତ ମିଶ୍ରଣରେ ଅନୁଗୋଳବାସୀଂକ ସକ୍ରିୟ ସହଯୋଗ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମହାନ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୁର୍ତ୍ତୀମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ତାଂକର ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି । ମହାନ ତପସ୍ୱୀ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଦେବୀଂକ ଉଦ୍ଦେଶ୍ୟରେ ମନ୍ତ୍ରୀ ପ୍ରଣାମ ଜଣାଇଛନ୍ତି । ଏହି ଜିଲ୍ଲାର ଶିଳ୍ପ ସମୃଦ୍ଧି,ସବୁଜିମା,ଖଣିଜ ସମ୍ପଦ,ପର୍ଯ୍ୟଟନ ବିଭବ ରାଜ୍ୟର ବିକାଶକୁ ଉତ୍ସାହିତ କରିଆସିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ରାଜ୍ୟରେ ଏକ ସ୍ଥିର ଓ ଦୃଢ଼ ସରକାର ରାଜ୍ୟବାସୀଂକ ପାଇଁ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିରନ୍ତର କାର୍ଯ୍ୟ କରୁଛି । କୃଷି,ଜଳସେଚନ,ଶିକ୍ଷା,ସ୍ୱାସ୍ଥ୍ୟ,ଗ୍ରମ୍ୟଉନ୍ନୟନ,ପଞ୍ଚାୟତିରାଜ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ଆଦିବାସୀ କଲ୍ୟାଣ,ଶକ୍ତି,ଗମନାଗମନ,ମହିଳା ଓ ଶିଶୁ ବିକାଶ,ଯୁବ ସଶକ୍ତିକରଣ ଓ ଦକ୍ଷତା ବିକାଶ,କ୍ରୀଡା,ସୂଚନାପ୍ରଜୁକ୍ତି,ଶିଳ୍ପ,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ଆମେ

ସଫଳତାର ସୋପାନ ପରେ ସୋପାନ ଉଠି ଚାଲିଛୁ । ରାଜ୍ୟର ସାମଗ୍ରିକ ବିକାଶର ଚିତ୍ର ସର୍ବଭାରତୀୟ ସ୍ତରରେ ଆମ ପାଇଁ ଗର୍ବ ଓ ଗୌରବ ଆଣିଛି । ରାଜ୍ୟ ସରକାରଂକର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତାର ବ୍ୟାପକ କାର୍ଯ୍ୟକ୍ରମ ଅବ୍ୟାହତ ରଖିଛି । ଏବେ ତୃତୀୟଲିଙ୍ଗିମାନଂକୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଂକୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବାକୁ ସୁଯୋଗ ଦିଆଯାଉଛି । ସରକାରଂକ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଆଧାରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସମସ୍ତ ସେବା ଅନଲାଇନରେ ସର୍ବସାଧାରଣଙ୍କୁ ଉପଲବ୍ଧ ହେବାପାଇଁ ପ୍ରସ୍ତୁତ ହୋଇସାରିଛି । ମନ୍ତ୍ରୀ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାକୁ ଯାଇ ବାଙ୍ଗାଲୋର ଠାରେ ଅବସ୍ଥିତ ଇଣ୍ଡିଆନ ଇନଷ୍ଟିଚୁଟ ଅଫ୍ ସାଇନ୍ସରେ ଆମ ରାଜ୍ୟର ୬୦୦ ଶିକ୍ଷକ,ଶିକ୍ଷୟତ୍ରୀଂକୁ ପ୍ରଶିକ୍ଷଣ ଦେବାପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କହିଥିଲେ । ରାଜ୍ୟରେ ୬ଟି ପ୍ଲାନେଟୋରିଅମ୍ ଓ ୨୦ଟି ସାଇନ୍ସ ପାର୍କ ପ୍ରତିଷ୍ଠା ନିମନ୍ତେ ସରକାର ପଦକ୍ଷେପ ନେଉଛନ୍ତି । ରାଜ୍ୟର ମେଧାବୀ ଛାତ୍ରଛାତ୍ରୀ ମାନଂକୁ ପ୍ରଶିକ୍ଷଣ ନେବା ପାଇଁ ନାସାକୁ ପଠାଇବା ପାଇଁ ମଧ୍ୟ ସ୍ଥିର କରାଯାଇଛି । ମହାମାରୀ କରୋନା ହଟାଇବା ପାଇଁ ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଟେଷ୍ଟିଂ ବୃଦ୍ଧି ପାଇଛି । ରୋଗୀ ମାନଂକ ଚିକିତ୍ସା ପାଇଁ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପୃଥକବାସ କେନ୍ଦ୍ର,କୋଭିଡ କେୟାର ହୋମ୍ ଓ କୋଭିଡ ହସପିଟାଲ ଆଦି କାର୍ଯ୍ୟ କରୁଛି । ଓଡିଶାରେ କୋଭିଡ ରୋଗୀ ମାନଂକୁ ମାଗଣା ଚିକିତ୍ସା,ଖାଦ୍ୟପେୟ,ଔଷଧ ଓ ରହଣି ଯୋଗାଇ ଦିଆଯାଉଛି । ରାଜ୍ୟରେ ୫ଟି ନୂଆ ପ୍ଲାଜମା ୟୁନିଟ କାର୍ଯ୍ୟ କରୁଛି  ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅନୁଗୋଳ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ର ସୌମ୍ୟ ରଞ୍ଜନ ସାମନ୍ତ (୫୭୫ ନମ୍ବର) ଓ କେରଜାଙ୍ଗ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଫାଲଗୁନୀ କାଶ୍ୟପ (୫୬୧ ନମ୍ବର )ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ.ବି.ଏସ୍.ଇ ଦଶମ ପରୀକ୍ଷାରେ ଓପି ଜିନ୍ଦଲ ସ୍କୁଲର ସୋହମ୍ ସାହୁ ଓ ଜବାହାର ନବୋଦୟ ବିଦ୍ୟାଳୟ ଚମ୍ପତିମୁଣ୍ଡାର ଛାତ୍ରୀ ଶ୍ୱେତପଦ୍ମା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ପତଞ୍ଜଳି ଯୋଗ ସମିତି ଓ ଛାତ୍ରୀ ଙ୍କୁ ଅନୁଗୋଳ ପୌର ପାଳିକାର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ସୁକାନ୍ତି ଦାସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସି.ବି.ଏସ୍.ଇର ଛାତ୍ର ଓ  ଛାତ୍ରୀ ଦୁଇଜଣଙ୍କୁ ଲିଟିଲ ହାର୍ଟ ଟଡଲର୍ସ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାମାରୀ କରୋନାର ବିଭିଷିକାମୟ ପରିବେଶରେ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ ସାହସିକତାର ସହ କାର୍ଯ୍ୟକରିଥିବାରୁ ଡାକ୍ତର,ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ,ଆଶା କର୍ମୀ,ସରପଞ୍ଚ, ସଫେଇ କର୍ମଚାରୀ, ,ହୋମ୍ ଗାର୍ଡ,ଆମ୍ବୁଲାନ୍ସ ଡ୍ରାଇଭର,ପ୍ଲାଜମା ଦାନକାରୀ ମାନଙ୍କୁ ସ୍ୱାଧିନତା ଦିବସ ପାଳନ ସମାରୋହ ଅବସରରେ ସମ୍ମାନୀତ କରାଯାଇଛି । ୧୬ଜଣ କରୋନା ଯୋଦ୍ଧାଙ୍କୁ ଜିଲ୍ଲା ଟ୍ରକ ମାଲିକ ସଂଘ ,ଲିଟିଲ ହାର୍ଟ ଟଡଲର୍ସ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଂକ କୋଭିଡ ନିୟମାବଳୀ ଆଧାରରେ ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ପଡିଆରେ ଜାତୀୟ ପତାକା ଉତ୍ତୋଳନ ସମୟରେ ଜାତୀୟ ସଙ୍ଗୀତ ପରିବେଷଣ କରିବା ସହ ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ । ଉତ୍ସବ ସ୍ଥଳକୁ ନିମନ୍ତ୍ରିତ ଅତିଥିମାନେ ନିଜ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବା ସହ

ମାସ୍କ ପିନ୍ଧି କାର୍ଯ୍ୟକ୍ରମକୁ ଦେଖିଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୂନ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜାତିର ଜନକ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା କାର୍ଯ୍ୟାଳୟ ସମେତ ଅନୁଗୋଳ ଉପଜିଲ୍ଲାପାଳ,ଅନୁଗୋଳ ପୌରପାଳିକା ଓ ତାମଡା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ସକାଳ ୭ ଘଟିକା ୩୦ ମିନିଟ୍‌ରେ ସଂପୃକ୍ତ ଅନୁଷ୍ଠାନର ମୁଖ୍ୟ ଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଂକ ସମେତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଯୋଗ ଦେଇଥିଲେ । ଏହାଛଡା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ସବ ଡିଭିଜନାଲ ପୋଲିସ ଅଫିସର ଶ୍ରୀ ଅଶ୍ୱିନି କୁମାର ସାହୁ,ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ବିଶୋୟୀ ,ଡି ଏସପି (ଡିଆଇବି) ଶ୍ରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ,ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ କୁମାର ନାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଶ୍ରୀ ସୁଶାନ୍ତ କୁମାର ସାହୁ ରିଜର୍ଭ ଇନ୍ସପେକ୍ଟର ପୋଲିସ ପ୍ଲାଟୁନ ଓ ବ୍ୟାଣ୍ଡ୍‌ପାର୍ଟିର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରତ୍ୟୁଷା ଅମାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା [illegible] ତା.୧୬.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ



ସୂଚନା ଓ ଲୋକ
ଜିଲ୍ଲା ପ୍ରଶାସନ,
सत्यमेव जयते


ଅନୁଗୋଳ


ଜିଲ୍ଲାସ୍ତରୀୟ
ସମାରୋହ


ଜିଲ୍ଲାସ୍ତରୀୟ
ସମାରୋହ
ଓ ଜିଲ୍ଲା